# NATIONAL NEWS BULLETIN (ODIA)
## 15 January - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଭାରତ ବିସ୍ତାରବାଦ ନୁହେଁ ବରଂ ବିକାଶ ମନୋଭାବ ନେଇ କାର୍ଯ୍ୟ କରେ ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ୭୭ତମ ସେନା ଦିବସ ଅବସରରେ ଆଜି ସେନାବାହିନୀର ମାତୃଭୂମି ପ୍ରତି ରହିଥିବା ପ୍ରତିଶ୍ରୁତିବଦ୍ଧତାକୁ ସ୍ମରଣ କଲା କୃତଜ୍ଞ ରାଷ୍ଟ୍ର ।
- ଦେଶର ୭ଟି ବିମାନ ବନ୍ଦରରେ ଆସନ୍ତାକାଲି ଫାଷ୍ଟଟ୍ରାକ୍ ଇମିଗ୍ରେସନ-ଟ୍ରଷ୍ଟେଡ ଟ୍ରାଭେଲ ପ୍ରୋଗ୍ରାମର ଶୁଭାରମ୍ଭ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଦକ୍ଷିଣ କୋରିଆର ବହିଷ୍କୃତ ରାଷ୍ଟ୍ରପତି ୟୁନ୍ ସୁଖ୍ ୟୋଲ୍ ଗିରଫ୍ ।

ଏବଂ

- ରାଜକୋଟ୍‌ରେ ଅନୁଷ୍ଠିତ ତୃତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଆୟରଲାଣ୍ଡ ବିପକ୍ଷରେ ସର୍ବାଧିକ ୩୦୪ରନ୍ ବ୍ୟବଧାନରେ ବିଜୟୀ ।

# ପିଏମ୍-ମୁମ୍ବାଇ ଭିଜିଟ୍

ଭାରତ ବିସ୍ତାରବାଦ ନୁହେଁ ବରଂ ବିକାଶ ମନୋଭାବ ସହିତ କାର୍ଯ୍ୟ କରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ମୁମ୍ବାଇର ନାଭାଲ୍ ଡକ୍‌ୟାଡ୍ ଠାରେ ଆଗଧାଡ଼ିର ତିନୋଟି ନୌଜାହାଜ – ଆଇ.ଏନ୍.ଏସ୍. ସୁରଟ୍, ଆଇ.ଏନ୍.ଏସ୍. ନିଲ୍‌ଗିରି ଏବଂ ଆଇ.ଏନ୍.ଏସ୍. ଭାଗ୍‌ଶୀର୍‌କୁ ଲୋକାର୍ପଣ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏକ ମୁକ୍ତ, ସୁରକ୍ଷିତ, ସମାବେଶି ତଥା ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗଠନ ଲାଗି ଭାରତ ସର୍ବଦା ସମର୍ଥନ ଦେଇ ଆସିଛି । ଆତ୍ମନିର୍ଭର ଭାରତ ଅଭିଯାନ, ଭାରତୀୟ ନୌବାଣିଜ୍ୟ ଐତିହ୍ୟ ଏବଂ ନୌବାହିନୀର ସ୍ୱର୍ଣ୍ଣମୟ ଇତିହାସରେ ଆଜିର ଦିନକୁ ଏକ ସ୍ମରଣୀୟ ଦିନ ଭାବେ ଅଭିହିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜ ଭାରତୀୟ ନୌବାହିନୀକୁ ଏକ ନୂତନ ଶକ୍ତି ଓ ଦୃଷ୍ଟିକୋଣ ଦେଇଛନ୍ତି । ପ୍ରଥମଥର ଲାଗି ଏକ ବିନାଶକ, ବୁଡ଼ାଜାହାଜ ଏବଂ ଯୁଦ୍ଧ ଜାହାଜକୁ ଏକସଙ୍ଗେ ନୌବାହିନୀରେ ସାମିଲ କରାଯାଇଛି । ଏହି ତିନୋଟି ଜାହାଜ ସ୍ୱଦେଶ ଜ୍ଞାନକୌଶଳରେ ନିର୍ମିତ ହୋଇଥିବାରୁ ଏହା ଭାରତ ପାଇଁ ଏକ ଗର୍ବର ବିଷୟ ଏବଂ ଏଥିଲାଗି ଏହି ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଉପକୂଳ ରାଷ୍ଟ୍ର ଗୁଡ଼ିକର ବିକାଶ ଲାଗି ଭାରତ ସାଗର ବା ସମ୍ପୃକ୍ତ ଅଞ୍ଚଳ ଲାଗି ସୁରକ୍ଷା ଓ ଅଭିବୃଦ୍ଧି ଯୋଜନା କାର୍ଯ୍ୟକାରୀ କରିଛି ।

ଭାରତୀୟ ମହାସାଗରୀୟ ଅଞ୍ଚଳର ସୁରକ୍ଷା ଦିଗରେ ଭାରତ ସର୍ବଦା ଏକ ସତର୍କ ପ୍ରହରିର କାର୍ଯ୍ୟ କରି ଆସୁଛି । ଗତ କିଛି ମାସ ମଧ୍ୟରେ ଭାରତୀୟ ନୌସେନା ସମ୍ପୃକ୍ତ ଅଞ୍ଚଳରେ ସହସ୍ରାଧିକ ଜୀବନ ବଞ୍ଚାଇବା ସହିତ କୋଟି କୋଟି ଟଙ୍କା ମୂଲ୍ୟର ଆନ୍ତର୍ଜାତିକ ସାମଗ୍ରୀକୁ ମଧ୍ୟ ସୁରକ୍ଷା ଦେଇଛି । ଏଥିଲାଗି ବିଶ୍ୱସ୍ତରରେ ଭାରତ ପ୍ରତି ବିଶେଷ କରି ନୌବାହିନୀ ଓ ତଟରକ୍ଷୀ ବାହିନୀ ପ୍ରତି ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଏହାଛଡ଼ା ବିରଳ ଖଣିଜ ପଦାର୍ଥ ଏବଂ ମତ୍ସ୍ୟ ସମ୍ପଦ ଭଳି ମହାସାଗର ସମ୍ବଳର ଅପବ୍ୟବହାର ରୋକିବା ସହିତ ସେମାନଙ୍କର ବିକାଶ ଦିଗରେ ସାମୂହିକ ପ୍ରଚେଷ୍ଟା କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ସେନା ପକ୍ଷରୁ ଆତ୍ମନିର୍ଭରତା କାର୍ଯ୍ୟକାରୀ କରାଯିବା ପରଠାରୁ ଗତ ଏକ ଦଶନ୍ଧି ମଧ୍ୟରେ କୋଭିଡ୍ ମହାମାରୀ ଭଳି ବିପର୍ଯ୍ୟୟ ସମୟରେ ମଧ୍ୟ ଭାରତ ଅନ୍ୟ ଦେଶ ଉପରେ ନିର୍ଭର କରିବା ପ୍ରକ୍ରିୟା ହ୍ରାସ ହୋଇଛି । ସେନାର ଏଭଳି ପ୍ରଚେଷ୍ଟାକୁ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି । ବର୍ତ୍ତମାନ ଭାରତର ପ୍ରତିରକ୍ଷା ଉତ୍ପାଦନ ଏକ ଦଶମିକ୍ ୨/୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିବା ବେଳେ ଭାରତ ୧୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରକୁ ପ୍ରତିରକ୍ଷା ଉତ୍ପାଦ ରପ୍ତାନୀ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ସମାରୋହରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚଳିତ ବର୍ଷକୁ ପ୍ରତିରକ୍ଷା କ୍ଷେତ୍ର ଲାଗି ସଂସ୍କାରର ବର୍ଷ ଭାବେ

ଅଭିହିତ କରିଛନ୍ତି । ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତିରକ୍ଷା କ୍ଷେତ୍ରର ବିକାଶ ଲାଗି ସରକାରଙ୍କ ପକ୍ଷରୁ ଅନୁରୂପ ପଦକ୍ଷେପ ଜାରି ରହିବ ବୋଲି ଶ୍ରୀ ସିଂହ କହିଛନ୍ତି ।

## ଆର୍ମି ଡେ

୭୭ତମ ସେନା ଦିବସ ଆଜି ଦେଶବ୍ୟାପି ପାଳନ କରାଯାଉଛି । ଭାରତୀୟ ସେନା ବାହିନୀର ନିଜ ମାତୃଭୂମି ପ୍ରତି ରହିଥିବା ଅବଦାନ, ସେବା, ପ୍ରତିଶ୍ରୁତିବଦ୍ଧତା ତଥା ସାହସିକ ପଦକ୍ଷେପକୁ ଏହି ଅବସରରେ କୃତଜ୍ଞ ରାଷ୍ଟ୍ର ସ୍ମରଣ କରିଛି । ଭାରତ ସ୍ୱାଧୀନ ହେବା ପରେ ୧୯୪୯ ମସିହାରେ ବ୍ରିଟିଶ୍ କମାଣ୍ଡର ଇନ୍ ଚିଫ୍‌ଙ୍କ ନିକଟରୁ ତତ୍‌କାଳୀନ ଜେନେରାଲ୍ ତଥା ଫିଲ୍ଡ ମାର୍ସଲ୍ କେ.ଏମ୍. କାରିୟାପ୍ପା ଭାରତୀୟ ସେନାର କମାଣ୍ଡ ଦାୟିତ୍ୱ ଗ୍ରହଣ କରିଥିବା ଘଟଣାକୁ ସ୍ମରଣ କରି ଆଜିର ଦିବସ ପାଳନ କରାଯାଇଛି ।

ଏହି ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ପ୍ରତିରକ୍ଷା ମୁଖ୍ୟ ସେନାବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି । ଏ ସଂପର୍କରେ ବାର୍ତ୍ତା ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଦେଶର ସୁରକ୍ଷା ସୁନିଶ୍ଚିତ କରିବା କ୍ଷେତ୍ରରେ ସେନାବାହିନୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ପ୍ରଗତି ଓ ସମୃଦ୍ଧି ସହିତ ଏକ ଶାନ୍ତିପୂର୍ଣ୍ଣ

ବାତାବରଣ ସୃଷ୍ଟି କରିବା ଦିଗରେ ସେନାର ଅବଦାନ ଅତୁଳନୀୟ ବୋଲି ରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ମାଧ୍ୟମରେ ସେନାବାହିନୀ ଏବଂ ସେମାନଙ୍କର ପରିବାରବର୍ଗଙ୍କର କଲ୍ୟାଣ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ । ଦେଶ ମାତୃକାର ସୁରକ୍ଷା ସହିତ ବିପର୍ଯ୍ୟୟ ସମୟରେ ମାନବୀୟ ସହାୟତା ଯୋଗାଇଦେବାରେ ଭାରତୀୟ ସେନାର ତ୍ୟାଗ ଓ ପ୍ରତିବଦ୍ଧତା ବିଶ୍ୱବ୍ୟାପି ବନ୍ଦନୀୟ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତୀୟ ସେନା ନିଜର ସାହସିକତା, ପେଷାଦାରି କାର୍ଯ୍ୟ ଓ ତ୍ୟାଗ ଲାଗି ସର୍ବଦା ପ୍ରଶଂସନୀୟ ବୋଲି କହିଛନ୍ତି । ଦେଶ ଓ ଦେଶବାସୀଙ୍କ ସୁରକ୍ଷା ଦିଗରେ ସେନାବାହିନୀର ପ୍ରତିବଦ୍ଧତା ଲାଗି ପ୍ରତ୍ୟେକ ଭାରତୀୟ ସେମାନଙ୍କ ନିକଟରେ କୃତଜ୍ଞ ବୋଲି ଶ୍ରୀ ସିଂହ କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଅଦମ୍ୟ ସାହସ ଏବଂ ତ୍ୟାଗ ଲାଗି ଭାରତୀୟ ସେନା ବିଶ୍ୱର ସର୍ବଶ୍ରେଷ୍ଠ ସେନାବାହିନୀ ଗୁଡ଼ିକ ମଧ୍ୟରେ ଗଣନା କରାଯାଏ ବୋଲି କହିଛନ୍ତି । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଭାରତୀୟ ସେନା ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ଦେଶର ସୁରକ୍ଷା ଓ ସମ୍ମାନକୁ ଅଗ୍ରାଧିକାର ଦେଇ ଆସିଛି ବୋଲି ଶ୍ରୀ ଶାହା କହିଛନ୍ତି ।

ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନ ଏହି ଅବସରରେ ସେନାବାହିନୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ନିଜ ବାର୍ତ୍ତାରେ ସେ ସେନାବାହିନୀର ସାହସ, ଦେଶମାତୃକାର ସେବା ଲାଗି ନିଜ ପ୍ରତିବଦ୍ଧତା ଉପରେ ଆଲୋକପାତ କରି କହିଛନ୍ତି, ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଶତ୍ରୁଙ୍କର ମୁକାବିଲା କରିବା ଦିଗରେ ସେନାର ଅଦମ୍ୟ ସାହସ ଅତ୍ୟନ୍ତ ପ୍ରଶଂସନୀୟ ।

## ଶାହା-ଇମିଗ୍ରେସନ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ଦେଶର ୭ଟି ବିମାନ ବନ୍ଦରରେ ଫାଷ୍ଟଟ୍ରାକ୍ ଇମିଗ୍ରେସନ-ଟ୍ରଷ୍ଟେଡ ଟ୍ରାଭେଲ ପ୍ରୋଗ୍ରାମର ଶୁଭାରମ୍ଭ କରିବେ । ଏହି ବିମାନ ବନ୍ଦର ଗୁଡ଼ିକ ହେଲା ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଚିନ ଏବଂ ଅହମ୍ମଦାବାଦ । ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ପ୍ରବାସନ ସୁବିଧା ଯୋଗାଇ ଦେଇ ଆନ୍ତର୍ଜାତିକ ଭ୍ରମଣକୁ ସହଜ, ସୁଗମ ଓ ସୁରକ୍ଷିତ କରିବା ଦିଗରେ ଏହି ବ୍ୟବସ୍ଥା କାର୍ଯ୍ୟ କରିବ । ଭ୍ରମଣକାରୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଏଥିଲାଗି ପଞ୍ଜିକରଣ କରିପାରିବେ । ଗତବର୍ଷ ଜୁନ୍‌ରେ ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ବିମାନବନ୍ଦରର ଟର୍ମିନାଲ-୩ରେ ଏହି ବ୍ୟବସ୍ଥାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମେ ଶୁଭାରମ୍ଭ କରାଯାଇଥିଲା ।

## ମେଘୱାଲ-ୟୁଥ୍-ପାର୍ଲ୍ୟାମେଣ୍ଟ

ଜବାହର ନବୋଦୟ ବିଦ୍ୟାଳୟ ପାଇଁ ୨୫ତମ ଜାତୀୟ ଯୁବ ସଂସଦ ପ୍ରତିଯୋଗିତା ୨୦୨୩-୨୪ର ପୁରସ୍କାର ବିତରଣ ଉତ୍ସବ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏହି ଉତ୍ସବରେ ପୌରୋହିତ୍ୟ କରିବେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସେ ପୁରସ୍କାର ଦେବାର କାର୍ଯ୍ୟକ୍ରମ ରହିଛି ।

ଗତ ୨୮ ବର୍ଷ ଧରି ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜବାହର ନବୋଦୟ ବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ପାଇଁ ଯୁବ ସଂସଦ ପ୍ରତିଯୋଗିତା ଆୟୋଜନ କରାଯାଇ ଆସୁଛି । ଏହି ପ୍ରତିଯୋଗିତାରେ ଦେଶର ୮ଟି ଅଞ୍ଚଳର ୮୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

## ଏସ୍ କୋରିଆ ପ୍ରେସିଡେଣ୍ଟ ଆରେଷ୍ଟ

ଦକ୍ଷିଣ କୋରିଆର ବହିଷ୍କୃତ ରାଷ୍ଟ୍ରପତି ୟୁନ୍ ସୁଖ୍ ୟୋଲ୍‌ଙ୍କୁ ସେଠାକାର ପୁଲିସ୍ ଗିରଫ୍ କରିଛି । ଗତ ମାସରେ ଦେଶରେ ସାମରିକ ଆଇନ୍ ପ୍ରବର୍ତ୍ତନ କରିବା ପରେ ଦେଶ ବ୍ୟାପି ଗଣ ବିଦ୍ରୋହ ହୋଇଥିବା

ଅଭିଯୋଗ ଆଧାରରେ ୟୁନ୍‌ଙ୍କୁ ରାଷ୍ଟ୍ରପତି ପଦରୁ ବହିଷ୍କୃତ କରାଯାଇଥିଲା । ଦକ୍ଷିଣ କୋରିଆ ଇତିହାସରେ ପ୍ରଥମଥର ଲାଗି ଜଣେ ରାଷ୍ଟ୍ରପତିଙ୍କୁ ଗିରଫ୍ କରାଯାଇଛି । ଶ୍ରୀ ୟୋଲ୍‌ଙ୍କ କେନ୍ଦ୍ରୀୟ ସିଓଲ୍ ସ୍ଥିତ ବାସଭବନରୁ ସ୍ଥାନୀୟ ପୁଲିସ୍ ଗିରଫ୍‌ଦାରି ଓ୍ୱାରେଣ୍ଟ କାର୍ଯ୍ୟକାରି କରି ତାଙ୍କୁ ଗିରଫ୍ କରିଥିବା ଜଣାଯାଇଛି ।

## ମେଟା

ଆନ୍ତର୍ଜାତିକ ସ୍ତରୀୟ କମ୍ପାନୀ ମେଟାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମାର୍କ ଜୁକରବର୍ଗଙ୍କର ୨୦୨୪ ମସିହାରେ ଭାରତର ତତ୍କାଳୀନ ସରକାରଙ୍କ ପ୍ରତି ଦେଇଥିବା ମନ୍ତବ୍ୟ ଲାଗି କମ୍ପାନୀ ଭାରତ ସରକାରଙ୍କୁ କ୍ଷମା ମାଗିଛି । କୋଭିଡ୍ ନାଇଣ୍ଟିନ୍ ମହାମାରୀ ସ୍ଥିତିକୁ ଉତ୍ତମ ରୂପେ ପରିଚାଳନା କରିପାରି ନ ଥିବାରୁ ତତ୍କାଳୀନ ସରକାର ସାଧାରଣ ନିର୍ବାଚନରେ ପରାସ୍ତ ହୋଇଛନ୍ତି ବୋଲି ଶ୍ରୀ ଜୁକରବର୍ଗ ଏକ ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟକୁ ମେଟା କମ୍ପାନୀ ପକ୍ଷରୁ ଏକ ଅନିଚ୍ଛାକୃତ ଭୁଲ୍ ବୋଲି ଅଭିହିତ କରାଯିବା ସହିତ ଭାରତ ସରକାରଙ୍କୁ ଏଥିଲାଗି କ୍ଷମା ପ୍ରାର୍ଥନା କରାଯାଇଛି ।

# ୱିମ୍ୟାନ୍ କ୍ରିକେଟ୍

ଗୁଜରାଟର ରାଜକୋଟ୍ ଠାରେ ତୃତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଆୟରଲାଣ୍ଡ ବିପକ୍ଷରେ ସର୍ବାଧିକ ୩୦୪ରନ୍ ବ୍ୟବଧାନରେ ବିଜୟୀ ହୋଇଛି । ଏଥିସହିତ ଭାରତ ଏହି ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୩-୦ରେ ବିଜୟୀ ହୋଇଛି । ଭାରତୀୟ ଦଳ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୫ ୱିକେଟ୍ ହରାଇ ୪୩୫ରନ୍‌ର ବିଶାଳ ସ୍କୋର କରିଥିଲେ । ଏହା ହେଉଛି ମହିଳା କ୍ରିକେଟ୍ ଇତିହାସରେ ଚତୁର୍ଥ ସର୍ବୋଚ୍ଚ ସ୍କୋର । ଆଜି ଦଳ ପକ୍ଷରୁ ଭାରତୀୟ ଓପନର ସ୍ମୃତି ମାନ୍ଧାନା ୮୦ଟି ବଲ୍‌ରୁ ୧୩୫ରନ୍ କରି ନିଜର ଦଶମ ଶତକ ହାସଲ କରିଛନ୍ତି । ସେହିଭଳି ପ୍ରତୀକା ରାୱଲ୍ ୧୨୯ଟି ବଲ୍‌ରୁ ନିଜ ଜୀବନର ପ୍ରଥମ ଶତକ ହାସଲ କରି ୧୫୪ରନ୍ କରିଛନ୍ତି । ଏହି ଦୁଇ ବ୍ୟାଟସ୍‌ମ୍ୟାନ୍ ୨୬ ଓଭର ଓ ୪ଟି ବଲ୍‌ରେ ୨୩୧ରନ୍‌ର ଏକ ସୁଦୃଢ଼ ଭାଗିଦାରୀ ଖେଳିଥିଲେ ।

୪୩୬ରନ୍ ବିଜୟ ଲକ୍ଷ୍ୟର ପିଛା କରି ଆୟରଲାଣ୍ଡ ମହିଳା ଦଳ ୩୧ ଓଭର ଓ ୪ଟି ବଲ୍‌ରେ ମାତ୍ର ୧୩୧ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲେ ।

# ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍

ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗରେ ଭାରତର ଅନୁପମା ଉପାଧ୍ୟାୟ ପ୍ରି-କ୍ୱାର୍ଟର ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଅନୁପମା' ରକ୍ସିତା ରାମରାଜକୁ ୨୧-୧୭, ୨୧-୧୮ ସେଟ୍‌ରେ ସିଧାସଳଖ ପରାସ୍ତ କରିଛନ୍ତି । ଅନ୍ୟ ପକ୍ଷରେ ଭାରତୀୟ ଖେଳାଳି ମାଳବିକା ବାନ୍‌ସୁଦ ଓ ଆକର୍ଷି କାଶ୍ୟପ ଆଜି ଏହି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି । ଅନ୍ୟ ପକ୍ଷରେ ପୁରୁଷ ସିଙ୍ଗଲ୍ସ ବର୍ଗରେ ଭାରତର ଲକ୍ଷ୍ୟ ସେନ ଆଜି ତାଇୱାନ୍‌ର ଲିନ୍ ଚୁନ୍-ୟେଙ୍କ ସହିତ ନୂଆଦିଲ୍ଲୀର କେ.ଡି. ଯାଦବ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ମୁକାବିଲା ହେବାର କାର୍ଯ୍ୟକ୍ରମ ରହିଛି ।